# ପ୍ରିୟ ମୋର

ଜହ୍ନରେ ତୁମ କବିତା ପଢ଼ିବି
ସାରା ରାତି ମୁହିଁ ଉଜାଗରେ ଦେବି ସାରି ।
ଆଖିର କଜଳେ କବିତା ଲେଖିବି
ଜୀବନ ନଉକା ବାହି ନେବି ଥିରି ଥିରି ।
ତୁମେ ପରା ସେଇ ନିରିମାଖୀ ଝିଅ
ଖେଳୁଥିଲା ଯିଏ ଚନ୍ଦ୍ର ଚକୋର ଖେଳ
ମଞ୍ଜୁଳ ଯା'ର ଅଧର ସାଗରେ
ଦେଖିନାହିଁ ଦିନେ ଉର୍ମିର ଉଦ୍‌ବେଳ ।
ମନ ଚାହାଣୀରେ ପଢ଼ଇ ସେ ଝିଅ
ବିଜୁଳିର ଭାଷା ନୀଳ ଆକାଶର ଧାରେ
ପ୍ରଣୟର ଭାଷା ନିଶୀଥେ ପଢ଼ଇ
ପୁଷ୍ପିତ ସେଇ ସୁରଭିତ ଶଯ୍ୟା ପରେ ।
କିଏ କହେ ତାକୁ ଅଳସୀ କନ୍ୟା
ଅନୁଢ଼ା କିଶୋରୀ ବାଙ୍କ ନୟନେ କହେ
କିଏ କହେ ତାର ରୂପର ବନ୍ୟା
ନୀଳ ନୟନର ଉପାନ୍ତେ ବହୁଧା ବହେ ।
ସେଇ ଝିଅ ପରା ପ୍ରଣୟ ପିଆସୀ
କହଇ ଚକ୍ଷୁରେ ଚକ୍ଷୁ ଲଗାଇ ମୋର
କଳଙ୍କର ବୋଝ ବୋହି ବୁଲିବି ମୁଁ
ତୁମେ ସାଥି ଦିଅ ପ୍ରିୟମୋର ! ପ୍ରିୟମୋର !

□□□